# ଶ୍ରୀମତୀ ବାହ୍ରାଙ୍କୁ ମିଳିଲା ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ।

## ଜିଲ୍ଲା ପ୍ରଶାସନ ଦ୍ୱାରା ସମ୍ବର୍ଦ୍ଧିତ ।

ନିଜର ଉପସ୍ଥିତ ବୁଦ୍ଧି ଓ ଅଦମ୍ୟ ସାହସିକତା ପାଇଁ ୧୦ ବର୍ଷର ଝିଅ ଶ୍ରୀମତୀ ବାହ୍ରା ନିଜର ସହପାଠି ପ୍ରମିଳାକୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷାକରି ସବୁ ମହଲରେ ବିଶେଷ ପ୍ରଶଂସିତ ହୋଇଥିଲା । ଗତ ବର୍ଷ ନଭେମ୍ବର ୨୭ ତାରିଖରେ ଘଣ୍ଟପଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ସହପାଠିନି ସହ ତେରା ଓଭର ବ୍ରିଜ୍ ତଳେ ଥିବା ରେଳ ଧାରଣା ପାର ହେଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ସ୍ଥାନୀୟ ଖଣିକୁ ଯାଉଥିବା ଏକ ମାଲବାହୀ ଟ୍ରେନରେ ଶ୍ରୀମତୀ ବାହ୍ରାର ସହପାଠିନିର ଗୋଡ କଟିଯାଇଥିଲା । ଗୋଡ କଟିଯିବା ପରେ ତାର ସାର୍ଟ ଲାଗିଯିବାରୁ ଟ୍ରେନରେ ସେ ଘୋଷାରି ହୋଇଯାଇଥିଲା । ଏହି ସମୟରେ ଶ୍ରୀମତୀ ବାହ୍ରା ଉପସ୍ଥିତ ବୁଦ୍ଧି ଖଟାଇ ପ୍ରମିଳାକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଟ୍ରେନରୁ ଟାଣି ଆଣି ନିଜ କାନ୍ଧ ସାହାଯ୍ୟରେ ୪୦୦ ମିଟର ପର୍ଯ୍ୟନ୍ତ ବସ୍ତିକୁ ବୋହି ନେଇଥିଲା । ଏହି ଖବର ପ୍ରସାରିତ ହେବା ପରେ ତତ୍କାଳିନ ଜିଲ୍ଲାପାଳ ତଥା ବର୍ତ୍ତମାନ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ଅନିଲ କୁମାର ସାମଲ ଶ୍ରୀମତୀ ବାହ୍ରାର ସାହସିକତାକୁ ପ୍ରଶଂସା କରିବା ସହ ଆହତ ସହପାଠିନିକୁ ସ୍ୱେଚ୍ଛାସେବୀ କ୍ଷୀରୋଦ ସାହୁଙ୍କ ସହାୟତାରେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲରେ ଚିକିତ୍ସା କରାଇଥିଲେ । ଶ୍ରୀମତୀ ବାହ୍ରାର ଏହି ସାହସିକତା ପାଇଁ ତାଳଚେର ଉପଜିଲ୍ଲାପାଳ ଶ୍ରୀ ପରେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ଓ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ସୁପାରିଶ କ୍ରମେ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗକୁ ପଠାଇଥିଲେ । ଗତମାସ ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ଓ କ୍ରୀଡାମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱର ଜୟଦେବ ଭବନରେ ଶ୍ରୀମତୀ ବାହ୍ରାକୁ ୨୦୧୮ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି । ଏହି ପୁରସ୍କାର ପାଇବା ପରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀମତୀ ବାହ୍ରାକୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀମତୀର ସାହସିକତା ପାଇଁ ତାକୁ ପ୍ରଶଂସା କରିବା ସହ ଜିଲ୍ଲାପାଳ ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଶାନଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଶ୍ରୀମତୀ ଆଲେମା ବରୁଆ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ହରିହର ପାଢୀ,ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଂ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଓ ସ୍ୱେଚ୍ଛାସେବୀ ଶ୍ରୀ କ୍ଷୀରୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।






DISTRICT RURAL DEVELOPMENT AGENCY
ANGUL


4. C.M. SWAIN, O.I.S. I/c 30.3.86
5. S.C. PATTANAIK, O.I.S. 9.5.86.
6. C M SWAIN, O.I.S, I/c 1.7.88.
7. N. SETHI. M.A, O.I.S. 17.8.89 14.4.93.
8. SOURAJIT DAS. O.I.S. 14.4.93.
9. BISWAJIT DASH. I/c 12.7.95. 4.8.95.
10. UPENDRA PRASAD MOHANTY. O.I.S. 4.8.95. 13.3.96.
11. SANATAN SETHI. O.A.S. I/c 14.3.96. 26.5.96.
12. GOVINDA CHANDRA ROUL. O.I.S. 27.5.96.
13. S.M. KAR. I/C 11.3.97.
14. GOVINDA CHANDRA ROUL. O.I.S 2.5.97. 3.7.02
15. S.M. KAR. I/C 4.7.02 14.7.02
16. NAGENDRA NATH NAYAK. O.I.S. 15.7.02 16.7.04
17. D.C. SAMANTARAY. O.I.S. I/C 16.7.04
18. UMAKANTA MOHAPATRA O.I.S. I/C 22.11.04
19. B.P. DAS, O.I.S 27.06.05
20. SARAT CH. SETHY, O.I.S 8-7-08